## ଯାତ୍ରା ପଡ଼ିଆରେ ନିଆଁ ଲାଗି ଶିଶୁ ଆହତ

**ରାଜକନିକା,(ଡି.ଏନ୍.ଏ):** ରାଜକନିକା ଯାତ୍ରା ପଡ଼ିଆରେ ଥିବା ଏକ ଟେଣ୍ଟରେ ନିଆଁ ଲାଗି ଜଣେ ଶିଶୁ ଆହତ ହୋଇଛନ୍ତି । ଗୁଆଲିଗାଁର ହରପାର୍ବତୀ ପଡିଆରେ ଗୁରୁବାର ନାଟକ ପରିବେଷଣ ଲାଗି ପ୍ରସ୍ତୁତି ଚାଲିଛି । ସେଠାରେ ବେଲୁନ ଓ ଚରଖା ଦୋକାନ କରିବାକୁ ଅସ୍ଥାୟୀ ଟେଣ୍ଟରେ ରହୁଥିବା ୯ ଜଣ ବ୍ୟକ୍ତି ବୁଧବାର ସକାଳେ ରୋଷେଇ କରିଥିଲେ । ସେମାନେ ଖାଇ ସାରିବା ପରେ ସେଠାରେ ବିଶ୍ରାମ ନେଇଥିଲେ । କୌଣସି କାରଣରୁ ତାଙ୍କ ଟେଣ୍ଟରେ ନିଆଁ ଲାଗି ଯାଇଥିଲା । ଅନ୍ୟମାନେ ବାହାରକୁ ପଳାଇ ଆସିଥିଲେ ହେଁ ଜଣେ ଶିଶୁ ଆହତ ହୋଇଛନ୍ତି ।

**ସଂକ୍ଷେପରେ**

## ଦଳ ସଫାକୁ ନେଇ ଉତ୍ତେଜନା

**ନୟାଗଡ଼ ଅଫିସ,୧୭।୩:** ନୟାଗଡ଼ ଟାଉନ ଥାନା ଡିଆଁପଡା ବନ୍ଧରୁ ଡିଆଁପଡାର ବାସିନ୍ଦା ଦଳ ସଫା କରିବାକୁ ନେଇ ବୁଧବାର ଉତ୍ତେଜନା ପ୍ରକାଶ ପାଇଥିଲା । କରଡାବଣି ଲୋକେ ଏହାକୁ ବିରୋଧ କରିଥିଲେ । ଖବର ପାଇ ଟାଉନ ଥାନା ପୋଲିସ ଉଭୟଙ୍କୁ ବୁଝାସୁଝା କରି ଏହି ସମସ୍ୟାର ସମାଧାନ କରିବା ପାଇଁ ପ୍ରସ୍ତାବ ଦେଇଥିଲା । ବନ୍ଧରେ ଡିଆଁପଡାର ଲୋକମାନେ ମାଛ ଛାଡିଥିଲେ । ବନ୍ଧ ସଫା କରିବା ପରେ ବିବାଦ ଆରମ୍ଭ ହୋଇଥିଲା ।

## ଆଇନ ସଚେତନତା ଶିବିର

**ଜଗତ୍‌ସିଂହପୁର ଅଫିସ,୧୭।୩:** ସ୍ଥାନୀୟ ଏରଡ଼ଙ୍ଗ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ହରିଜନ ଓ ଆଦିବାସୀ ଅଧିନିୟମ ଉପରେ ଆଇନ ସଚେତନତା ଶିବିରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ କମଳାକାନ୍ତ ରାଉତ ପୌରୋହିତ୍ୟ କରି ହରିଜନ ଓ ଆଦିବାସୀ ଅଧିନିୟମ ୧୯୮୯ ଉପରେ ଆଲୋକପାତ କରିଥିଲେ। ଉକ୍ତ ବର୍ଗର ଲୋକଙ୍କ ମଙ୍ଗଳ ପାଇଁ ଥିବା କମିଶନ, ଏହି ଆଇନରେ ଥିବା ବିଭିନ୍ନ ଅପରାଧ, ତା'ର ତଦନ୍ତ, ବିଚାର ପ୍ରକ୍ରିୟା, କ୍ଷତିପୂରଣ ସହ ସେମାନଙ୍କ ପାଇଁ ଥିବା ସରକାରଙ୍କ ବିଭିନ୍ନ ଯୋଜନା ଉପରେ ମତବ୍ୟକ୍ତ କରିଥିଲେ। ବୃଦ୍ଧ ପୀଡିତାମାନଙ୍କ ପାଇଁ ଭରଣପୋଷଣ ଆଇନ, ଆଇନ ସେବା ପ୍ରାଧିକରଣର ବିଭିନ୍ନ ଦାୟିତ୍ୱ, ଘରୋଇ ହିଂସା ନିରୋଧ ଆଇନ, ମହିଳାମାନଙ୍କ ସମ୍ପତ୍ତିଗତ ଅଧିକାର, କନ୍ୟା ସନ୍ତାନ ମହତ୍ତ୍ୱ ଉପରେ ବୁଝାଇଥିଲେ। ଶିବିରରେ ପାରାଲିଗାଲ ସ୍ୱେଚ୍ଛାସେବୀ କ୍ଷୀରୋଦ କୁମାର ଦାସ, ମନୋଜ କୁମାର ସ୍ୱାଇଁ, ଶୁଭଲକ୍ଷ୍ମୀ ନାୟକ ଓ ସରପଞ୍ଚ ସବିତା ମହାନ୍ତିଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଲୋକେ ଉପସ୍ଥିତ ଥିଲେ।

## ପଣ୍ଡିତ ମୃତ୍ୟୁଞ୍ଜୟ ମିଶ୍ରଙ୍କ ପରଲୋକ

**ରାଜନଗର,୧୭।୩(ଡି.ଏନ.ଏ.):** ବିଶିଷ୍ଟ ସଂସ୍କୃତିବିତ୍, ସମାଜ ସଂସ୍କାରକ, କୃଷକ ନେତା ପଣ୍ଡିତ ମୃତ୍ୟୁଞ୍ଜୟ ମିଶ୍ରଙ୍କ ବୁଧବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ମଙ୍ଗଳବାର ସେ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ବୁଧବାର ସକାଳେ ତାଙ୍କର ପରଲୋକ ଘଟିଥିଲା। ଏହି ଖବର ଜଣାପଡିବା ପରେ ରାଜନଗରରେ ଶୋକର ଛାୟା ଖେଳିଯାଇଥିଲା। ପୂର୍ବାହ୍ନ ୧୦ଟାରେ ତାଙ୍କ ମରଶରୀର ରାଜନଗର ହଂସୁଆ ସେତୁ ନିକଟରେ ପହଁଞ୍ଚିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ । ମରଶରୀରକୁ ଶୋଭାଯାତ୍ରାରେ ରାଜନଗର ବଜାର ଓ ଗାଁ ପରିକ୍ରମା କରାଯାଇଥିଲା। ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ, ପଞ୍ଚାୟତ ସମିତି ଅଧକ୍ଷ ଜୟାରାମ ସେଠୀ, ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର କୁମାର ଜେନା, ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ଓଡିଶାର ଉପସଭାପତି ପଣ୍ଡିତ କଳ୍ପତରୁ ଦାସ, ଶିକ୍ଷକନେତା ବିଜୟ କୁମାର ଜେନା ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି। ସ୍ୱର୍ଗତ ମିଶ୍ର ସଂସ୍କୃତ ପଣ୍ଡିତ ଭାବେ ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା ସହ ଜଣେ ଛାତ୍ର ବତ୍ସଳ ଶିକ୍ଷକ ଭାବେ ସୁନାମ ଅର୍ଜନ କରିଥିଲେ। କେନ୍ଦ୍ରାପଡା ଜିଲା ଶ୍ରୀବଳଦେବଜୀଉ କୃଷକ ସଂଘର ସଭାପତି ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ମୃତ୍ୟୁ ଶର୍ଯ୍ୟା ନିକଟରେ ପୁତ୍ର ଡ. ହରେକୃଷ୍ଣ ମିଶ୍ର, ଆଇନଜୀବୀ ଭଜକୃଷ୍ଣ ମିଶ୍ର ଓ ପରିବାର ବର୍ଗ ଉପସ୍ଥିତ ଥିଲେ।

## ଶିକ୍ଷୟିତ୍ରୀଙ୍କ ପରଲୋକ

**ବାଲିକୁଦା,୧୭।୩(ସ୍ୱପ୍ର):** ବାଲିକୁଦା ଅଞ୍ଚଳର ଶିକ୍ଷୟିତ୍ରୀ କବିତା ଦେଇଙ୍କ ମଙ୍ଗଳବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ସେ ପଞ୍ଚପାଣ୍ଡବ ଶୈଳବାଳା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ସେ କିଛି ମାସ ହେବ କର୍କଟ ରୋଗରେ ପୀଡିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା। ଏହି ଖବରପାଇ ବାଲିକୁଦା ବ୍ଲକ ଶିକ୍ଷାଧିକାରୀ ବାଇଧର ତ୍ରିପାଠୀ, ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ରମାକାନ୍ତ ବାରିକ ସାହୁଙ୍କ ଧନିଶୋସ୍ଥିତ ବାସଭବନରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ସଭାପତି ବିଜୟ କେତନ ସ୍ୱାଇଁ, ଉପସଭାପତି ବାବନ ଚରଣ ସ୍ୱାଇଁ, ନିଖିଳ ଉତ୍କଳ ନିମ୍ନମାଧମିକ ଶିକ୍ଷକ ସଂଘ ସମ୍ପାଦକ ସରୋଜକାନ୍ତ ସ୍ୱାଇଁ, ସଭାପତି ବିସ୍ମୟ ମଲ୍ଲ, ଶିକ୍ଷକ ନେତା ଦୁର୍ଗା ଚରଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପୁତ୍ର ସନ୍ତୁ ଗୋରେଖନାଥ ମୁଖାଗ୍ନି ଦେଇଥିଲେ।

# ବନ୍ଦରକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦିଅ

**ଜଗତ୍‌ସିଂହପୁର ଅଫିସ, ୧୭।୩**

ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଅନ୍ତର୍ଗତ ବନ୍ଦରକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦାବି ଜୋର ଧରିଛି। ବୁଧବାର ବ୍ଲକର ମରିଚପୁର ଅଞ୍ଚଳର ଶତାଧିକ ଲୋକ ଏହି ଦାବି କରି ୪୦ କି.ମି. ବାଇକ୍ ଶୋଭାଯାତ୍ରାରେ ବାହାରି ଜଗତ୍‌ସିଂହପୁରସ୍ଥିତ ଶ୍ରୀକୃଷ୍ଣ ଏକାଡେମୀ ପଡିଆରେ ପହଞ୍ଚିଥିଲେ। ପରେ ସେଠାରୁ ପଦଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ଏଥିରେ ଉଲ୍ଲେଖ ମଧ ଅଛି, ବନ୍ଦରକୁ କ୍ଷୁଦ୍ର ମାଛଧରା ବନ୍ଦର ଭାବେ ଘୋଷଣା କରାଯାଉ। ଏଥିସହ ଦଶବାଟିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି ଓ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଯାଉ ବୋଲି ଦାବି କରାଯାଇଛି।

ଇତିହାସ କୁହେ, ଜଗତ୍‌ସିଂହପୁର ଜିଲାର ଦକ୍ଷିଣ-ପୂର୍ବ ଦିଗ ଦେବୀନଦୀ କୂଳରେ ୧୦ମ ଶତାବ୍ଦୀର ମରିଚପୁର ବନ୍ଦର ଅବସ୍ଥିତ। ଏହା ମଧ୍ୟଯୁଗରେ ବେଶ୍ ପ୍ରତିଷ୍ଠା ଲାଭ କରିଥିଲା। ମରିଚପୁର ନିକଟରେ ଥିବା ମରିଚି ଠାକୁରାଣୀଙ୍କୁ ବୌଦ୍ଧଯୁଗର କୀର୍ତ୍ତି ବୋଲି ଐତିହାସିକମାନେ ବିଶ୍ୱାସ କରୁଥିଲେ। ସେତେବେଳେ ଦେବୀନଦୀ ମୁହାଣରେ ଏହି ବନ୍ଦରଟି ପ୍ରାକୃତିକ ଦୃଷ୍ଟିକୋଣରୁ ନୌବାଣିଜ୍ୟଜନିତ ସୁବିଧା ସୁଯୋଗରେ ଯଥେଷ୍ଟ ଉନ୍ନତ ଥିଲା। ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ପାଲଟଣା ଡଙ୍ଗାଗୁଡିକ ନିର୍ବିଘ୍ନରେ ମୁହାଣ ଅତିକ୍ରମ କରି ଆଭ୍ୟନ୍ତରୀଣ ଅଞ୍ଚଳକୁ ଯାତାୟାତ କରିପାରୁଥିଲା। ଦଶମରୁ ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ ବନ୍ଦରଟି ସ୍ଥାନୀୟ ତଥା ମୁସଲମାନ ନାବିକମାନଙ୍କ ଅଧୀନରେ ଥିଲା। ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରେ ପର୍ତ୍ତୁଗୀଜ୍‌ମାନେ ସ୍ଥାନୀୟ ତଥା ଆରବ ନାବିକମାନଙ୍କ ସାହାଯ୍ୟ ନେଇ ଓଡ଼ିଶା ସମେତ ଭାରତର ପୂର୍ବ ଉପକୂଳର ବିଭିନ୍ନ ବନ୍ଦରଗୁଡିକ ସହ ସୁପରିଚିତ ଥିଲେ। ସପ୍ତଦଶ ଶତାବ୍ଦୀରେ ଓଲନ୍ଦାଜ, ଦିନାମାର ଏବଂ ଇଂରେଜମାନେ ଭାରତର ପୂର୍ବ ଉପକୂଳ ବାଣିଜ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଇଂରେଜମାନେ ତତ୍କାଳୀନ ଓଡ଼ିଶା-ବଙ୍ଗ ଉପକୂଳ ଦେବୀନଦୀ ମୁହାଣ ନିକଟରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବନ୍ଦର ଥିବାର ଜାଣିଥିଲେ। ମରିଚପୁର-ହରିଶପୁର ଅଞ୍ଚଳ ବ୍ଲାକ ପାଗୋଡା ବୋଲି ବର୍ଣ୍ଣିତ ଅଛି। ତେଣୁ ସମୟଚକ୍ରରେ ମରିଚପୁର ବନ୍ଦର ସ୍ଥିତି ହରାଇଲା ଏବଂ ସମ୍ପ୍ରତି ଏହାକୁ ଲୋକେ ବନ୍ଦର ବୋଲି ଡାକି ଚାଲିଛନ୍ତି। ଖୁସିର କଥା ହେଲା, ପ୍ରାକୃତିକ ସୌନ୍ଦର୍ଯ୍ୟଭରା ବନ୍ଦର ଅଞ୍ଚଳଟି ବେଶ୍ ମନୋରମ। ଦେବୀ ନଦୀ ଏଠାରେ ବଙ୍ଗୋପସାଗରରେ ମିଶିଛି । ଏହି ମିଳନ ସ୍ଥଳର ଅପରୂପ ଶୋଭା, ମୁହାଣ ପଠାରେ ବିଦେଶାଗତ ପକ୍ଷୀଙ୍କ ସମାଗମ, ବିସ୍ତୀର୍ଣ୍ଣ ଲୁଣା ଓ ଝାଉଁ ଜଙ୍ଗଲର ପରିବେଷ୍ଟନୀ ଲୋକଙ୍କୁ ଆକର୍ଷିତ କରେ। ଜଙ୍ଗଲରେ ବିଭିନ୍ନ ପ୍ରକାର ଜୀବଜନ୍ତୁ ଯଥା ହରିଣ, ଠେକୁଆ ଆଦିଙ୍କୁ ଦେଖିବାକୁ ମିଳେ। ଏହାବାଦ୍ ସେଠାରେ ସାମୁଦ୍ରିକ ଥାନା, ଯାତ୍ରୀ ନିବାସ, ୩ଟି ବାତ୍ୟା ଆଶ୍ରୟସ୍ଥଳ, ଜଙ୍ଗଲ ବିଭାଗ କାର୍ଯ୍ୟାଳୟ, ମାଆ ବନ୍ଦରେଇଙ୍କ ମନ୍ଦିର, ଇତିହାସ ସ୍ମୃତି ବହନକାରୀ ପିଲିପାଇ ସ୍ତମ୍ଭର ଭଗ୍ନାବଶେଷ ଉପଲବ୍ଧ ଅଛି। ସବୁ ପ୍ରକାର ଭିତ୍ତିଭୂମି ଥାଇ ମଧ ଏହି ଅଞ୍ଚଳ ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଉ ନ ଥିବାରୁ କିଶୋର ମହାନ୍ତି, ଶଶାଙ୍କ କାହାଣୀ, ଆଲୋକ ବେହେରା, ସମୀର ଗୁରୁ, ଦିଲୀପ ବେହେରା, ଆଶିଷ ସ୍ୱାଇଁ, ଦୀପୁ ବିଶ୍ୱାଳ, ରମେଶ ବହିରା, ବିଜୁ ନାୟକ ପ୍ରମୁଖ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିସହ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ମିତ ଜେଟି (ମତ୍ସ୍ୟ ଅବତରଣ କେନ୍ଦ୍ର) ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ କରାଯାଉନାହିଁ। ଉପକୂଳବର୍ତ୍ତୀ ଅଞ୍ଚଳରେ ମାଛଧରାକୁ ଜୀବିକା କରି ବଞ୍ଚୁଥିବା କୈବର୍ତ୍ତମାନଙ୍କର ଜୀବନ ଓ ଜୀବିକାକୁ ସୁଦୃଢ଼ କରିବାକୁ ଏହା ଏକ ନିର୍ଭରଯୋଗ୍ୟ ମାଧ୍ୟମ ହୋଇଥିଲେ ହେଁ ଏଥିପ୍ରତି କାହାରି ଦୃଷ୍ଟି ପଡୁନାହିଁ। ଅନ୍ୟପକ୍ଷେ ଦଶବାଟିଆ ସ୍ୱାସ୍ଥ୍ୟ ଉପକେନ୍ଦ୍ରଟି ଅବହେଳିତ ଅବସ୍ଥାରେ ପଡିରହିଛି। ପାଖାପାଖି ୫ ପଞ୍ଚାୟତର ୨୫ଟି ଗାଁର ୨୦ ହଜାରରୁ ଅଧିକ ଲୋକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭରଶୀଳ। ମାତ୍ର ସେଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ମିଳିପାରୁ ନ ଥିବା ଅଭିଯୋଗ କରାଯାଇଛି।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ମରିଚପୁର ଅଞ୍ଚଳର ଲୋକମାନେ।

- କ୍ଷୁଦ୍ର ମାଛଧରା ବନ୍ଦର ଘୋଷଣା ହେଉ
- ଦଶବାଟିଆ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି ହେଉ

**ମରିଚପୁର ଅଞ୍ଚଳର ଶତାଧିକ ଲୋକଙ୍କ ଶୋଭାଯାତ୍ରା**

## ଭାଉଜ, ନଣନ୍ଦଙ୍କୁ ଆକ୍ରମଣ କରି ଚୋରି

**ତିର୍ତ୍ତୋଲ, ୧୭।୩ (ଡି.ଏନ.ଏ.)**

ତିର୍ତ୍ତୋଲ ଥାନା ଜୋକେଇ ଗାଁର ପିକନ ସାହୁଙ୍କ ଘରୁ ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ କବାଟ ଭାଙ୍ଗି ପଶି ଭାଉଜ ଓ ନଣନ୍ଦଙ୍କୁ ଆକ୍ରମଣ କରି ନଗଦ ଟଙ୍କା ସହ ସୁନାଗହଣା ଲୁଟି ନେଇଛନ୍ତି। ଏ ନେଇ ବୁଧବାର ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଆହତ ଭାଉଜ ଓ ନଣନ୍ଦ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ, ପୂଜା ସାହୁଙ୍କ ସ୍ୱାମୀ ଯାଜପୁରକୁ ଯାଇଥିବାରୁ ଗୋଟିଏ ବଖରାରେ ନିଜର ଝିଅ ଓ ନଣନ୍ଦ ଶୋଇଥିଲେ। ରାତି ପ୍ରାୟ ୩ଟାରେ ୪ଜଣ ଦୁର୍ବୃତ୍ତ ଘର ମଧ୍ୟକୁ ପଶିଥିଲେ। ପରେ ବାକ୍ସକୁ ଭାଙ୍ଗୁଥିବା ଦେଖି ନଣନ୍ଦ ସୁଷମା ପାଟି କରିଥିଲେ। ଦୁର୍ବୃତ୍ତମାନେ ତାଙ୍କ ମୁଣ୍ଡକୁ ଶାବଳରେ ଆଘାତ କରିବା ସହ ଶୋଇଥିବା ଝିଅକୁ ମାରି ଦେବାକୁ ଧମକ ଦେଇଥିଲେ। ଫଳରେ ସେମାନେ ଚୁପ ରହିଥିଲେ। ଦୁର୍ବୃତ୍ତମାନେ ଚୋରି କରି ଜିନିଷ ନେବା ପରେ ବାହାର ପଟରୁ କବାଟ ଦେଇ ଚାଲି ଯାଇଥିଲେ। ସକାଳ ହେବାରୁ ଗାଁ ଲୋକ ଘର ଭିତରୁ କାନ୍ଦ ଶୁଣି କବାଟ ଆଗ ପଟରୁ ଫିଟାଇ ଗୁରୁତର ଆହତ ହୋଇଥିବା ସୁଷମାଙ୍କୁ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ।

# ଡିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଧାରଣା

- ମୃତକଙ୍କ ନାଁରେ ଖାଉଟି ସାମଗ୍ରୀ ହଡ଼ପ
- ତତ୍କାଳୀନ ବିଡିଓଙ୍କ ଜାଲ ସ୍ୱାକ୍ଷର କରାଯାଇଥିଲା

**ନାଉଗାଁ,୧୭।୩(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଅଲଣା ପଞ୍ଚାୟତ ସଠଳପୁର ଗାଁର ମୃତା ତୁଳସୀ ରାଉତଙ୍କ ଖାଉଟି ସାମଗ୍ରୀକୁ ତତ୍କାଳୀନ ବିଡିଓଙ୍କ ଜାଲ ଦସ୍ତଖତରେ ଡିଲର ହଡ଼ପ କରିଥିବା ଅଭିଯୋଗ ହୋଇଛି। ଡିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ବ୍ଲକ ସମ୍ମୁଖରେ ବୁଧବାର ସାମାଜିକ କର୍ମୀ ଦେବଜ୍ୟୋତି ମହାନ୍ତି ଧାରଣାରେ ବସିଥିଲେ। ତାଙ୍କୁ ସମର୍ଥନ ଜଣାଇ ନବ ନିର୍ମାଣ କୃଷକ ସଙ୍ଗଠନର ଜିଲା ସହ-ସଂଯୋଜକ ଅଶୋକ ସ୍ୱାଇଁ, ସୁବାସ ସ୍ୱାଇଁ, ସଚେତନ ନାଗରିକ ମଞ୍ଚର ବସନ୍ତ ମହାନ୍ତି, ଅର୍ଜୁନ ରାଉତ, ଦିଲୀପ ପାଢ଼ୀ, ଆଲୋକ ମହାନ୍ତି, ପ୍ରିତମ ପରିଜା, ସୌମ୍ୟ ସଞ୍ଜୀବ ଦାସ ପ୍ରମୁଖ ଧାରଣାରେ ବସି ରହିଥିଲେ। ବ୍ଲକ ଯୋଗାଣ ନିରୀକ୍ଷିକା ନୀଳିମା ପ୍ରିୟଦର୍ଶିନୀ ମହାନ୍ତି, ବ୍ଲକ ଅଧକ୍ଷ ଜଗନ୍ନାଥ ଦାସ ପହଞ୍ଚି ବୁଝାଶୁଝା କରିଥିଲେ ମଧ ଧାରଣା ପ୍ରତ୍ୟାହୃତ ହୋଇ ନ ଥିଲା। ବିଡିଓ ରଶ୍ମିରେଖା ମଲ୍ଲିକଙ୍କ କାର୍ଯ୍ୟାଳୟରେ ଆଲୋଚନା ପରେ ଜିଲା ପ୍ରଶାସନକୁ ଏ ବିଷୟରେ ଲିଖିତ ଭାବେ ଜଣାଇ ଦିଆଯାଇଛି। ଜିଲା ପ୍ରଶାସନ ଯାହାକିଛି ପଦକ୍ଷେପ ଗ୍ରହଣ କରିବ ବୋଲି ବିଡିଓ ମତବ୍ୟକ୍ତ କରିଥିଲେ। ପରେ ଯୋଗାଣ ନିରୀକ୍ଷିକା ମହାନ୍ତି ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ସଠଳପୁରର ତୁଳସୀଙ୍କ ସ୍ୱାମୀ ସ୍ୱର୍ଗତ ଭୀମସେନ ରାଉତଙ୍କ ନାମରେ ଖାଉଟି କାର୍ଡନଂ. ୧୨୦୬୦୧୧୦୯୧୧ ରହିଥିଲା। ଡିସେମ୍ବର ୨୦୧୮ରେ ତୁଳସୀଙ୍କ ମୃତ୍ୟୁ ଘଟିଥିଲା। ମୃତ୍ୟୁ ପରଠାରୁ ଏଯାବତ୍ ଅର୍ଥାତ୍ ୨୨ ମାସ ହେବ କାର୍ଡରେ ଖାଉଟି ସାମଗ୍ରୀ ଉଠାଇବା ସହ ପ୍ରାକୃତିକ ବିପର୍ଯ୍ୟୟ ସହାୟତାକୁ ହଡପ କରାଯାଇଛି। ଖାଉଟି ସାମଗ୍ରୀ ବଣ୍ଟନ ଦାୟିତ୍ୱରେ ଥିବା ଡିଲର ଏହାକୁ ଉଠାଇ ଥିବା ସୂଚନା ଅଧିକାର ଆଇନ ତଥ୍ୟ ବଳରେ ଜଣାପଡିଛି। ସମ୍ପୃକ୍ତ ଡିଲର ନିଜକୁ ବଞ୍ଚାଇବାକୁ ଯାଇ ୨୦୧୮ ଡିସେମ୍ବର ୨୮ରେ ମୃତା ତୁଳସୀଙ୍କ ନାମ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ କରିବାକୁ ତତ୍କାଳୀନ ଭାରପ୍ରାପ୍ତ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ତତ୍କାଳୀନ ବିଡିଓ ଜେ. କଳ୍ପନା ଉକ୍ତ ଆବେଦନକୁ ଖଣ୍ଡନ କରିବା ସହ ତାଙ୍କ ସ୍ୱାକ୍ଷର ଜାଲିଆତି ହୋଇଥିବା ପ୍ରକାଶ କରିଛନ୍ତି। ତୁଳସୀଙ୍କ ବୋହୂ ୨୦୨୦ ଅକ୍ଟୋବର ୧୨ରେ ଶାଶୁଙ୍କ ନାମରେ ଖାଉଟି ସାମଗ୍ରୀ ଉଠୁଥିବା ବିଡିଓ ରଶ୍ମିରେଖାଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗକୁ ୫ ମାସ ଓ ତଦନ୍ତକୁ ୪ ମାସ ବିତିଯାଇଥିଲେ ମଧ ସମ୍ପୃକ୍ତ ଡିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଏହାର ତଦନ୍ତ କରିବାକୁ ସାମାଜିକ କର୍ମୀ ମହାନ୍ତି ମନ୍ତ୍ରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଜଗତ୍‌ସିଂହପୁର ଜିଲାପାଳ, ଏସ୍‌ପି, ଉପଜିଲାପାଳ, ନାଉଗାଁ ବିଡିଓ ଓ ତହସିଲଦାରଙ୍କୁ ଚଳିତମାସ ୬ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ୧୫ ଦିନ ବିତିଯାଇଥିଲେ ମଧ ପ୍ରଶାସନ ନୀରବ ରହିବାରୁ ଧାରଣା ଦିଆଯାଇଥିଲା ବୋଲି ମହାନ୍ତି କହିଛନ୍ତି। ଏ ସଂକ୍ରାନ୍ତରେ ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ସଲାଉଦ୍ଦିନ ଖାଁଙ୍କୁ ପଚାରିବାରେ ତଦନ୍ତ କରାଯାଇ ଉପଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି।



ବ୍ଲକ ସମ୍ମୁଖରେ ଡିଲରଙ୍କ ବିରୋଧରେ ଧାରଣାରତ ଲୋକମାନେ।

## ଚୋରା ବାଲି ଚାଲାଣକାରୀ ୩ ହାଇୱା ଜବତ

**ବିରିଡି, ୧୭।୩ (ଡି.ଏନ.ଏ)**

ବିରିଡି ଥାନା ୨୨ ମୌଜା ଦେବୀନଦୀର ଅଲିପଡା ଘାଟରୁ ବୁଧବାର ୩ ହାଇୱା ଚୋରା ବାଲି ଉଠାଇ ନେଉଥିଲେ। ବିରିଡି ତହସିଲଦାର ସାଗରିକା ପ୍ରିୟଦର୍ଶିନୀ ପୋଲିସ ସହ ଘାଟ ନିକଟରେ ଚଢାଉ କରି ୩ ହାଇୱାକୁ ଜବତ କରିଥିଲେ। ଏବେ ସୁଧା ଉକ୍ତ ଘାଟରୁ ବାଲି ଉଠାଇବାକୁ ସରକାରୀ ଅନୁମତି ମିଳିନାହିଁ। କଟକ ଜିଲା କଣ୍ଟାପଡା ତହସିଲ ସେହିଠାରେ ବଡଖରମଙ୍ଗା ବାଲିଘାଟ ନିଲାମ ପରେ ସେଠାରୁ ବିରିଡି ତହସିଲ ଦେବୀନଦୀର ବାମପଟ ବନ୍ଧରେ ବେଆଇନ ଭାବେ ବାଲି ବୋଝେଇ ହାଇୱା ଚଳାଚଳ କରୁଛି। ଫଳରେ ନଦୀବନ୍ଧ ରାସ୍ତାଟି ଖରାପ ହୋଇ ପଡିଲାଣି। ଏ ସମ୍ପର୍କରେ ବାଲିଆର ସହକାରୀ ନିର୍ବାହୀଯନ୍ତ୍ରୀ ଦଳପତି ମଣ୍ଡଳ ପତ୍ର ସଂଖ୍ୟା ୧୭୨/୬।୧।୨୧ରେ ବିରିଡି ତହସିଲଦାରଙ୍କୁ ଅବଗତ କରାଇଥିଲେ। ପରେ ମଧ ଉକ୍ତ ନଦୀ ବନ୍ଧରେ ଅନବରତ ଭାରୀଯାନ ଚଳାଚଳ କରୁଥିବାରୁ ଜନସାଧାରଣ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗ ହେବା ପରେ ତହସିଲଦାର ଏହି ପଦକ୍ଷେପ ନେଇଛନ୍ତି। ଗାଡି ଯାଞ୍ଚ ସମୟରେ ହାଇୱା ଡ୍ରାଇଭରଙ୍କ ପାଖରେ ଜାଲ ୱାଇଫର୍ମ ଦେଖିବାକୁ ପାଇଥିଲେ। ଜବତ ହାଇୱାଗୁଡିକ ନଂ. ହେଲା ଓଡି ୦୨ ବିକେ ୩୫୯୮, ଜେଏଚ ୧୩ ଏଫ ୯୪୫୪, ଓଡି ୨୩ ଇ ୧୬୬୫। ଏଥି ମଧ୍ୟରୁ ପୋଲିସ ଓ ତହସିଲ ଷ୍ଟାଫ ସେଠାରୁ ଆସିବା ପରେ ନଂ. ଓଡି ୨୩ଇ ୧୬୬୫ ହାଇୱାଟି ଖସି ପଳାଇଛି। ହାଇୱା ଯେଉଁଠି ଥାଉ ନା କାହିଁକି ତା ନାମରେ ନିଶ୍ଚିତ କେସ କରାଯିବ ବୋଲି ତହସିଲ ପକ୍ଷରୁ ସୂଚନା ମିଳିଛି।

## କଂଗ୍ରେସ ପକ୍ଷରୁ ତହସିଲ ସମ୍ମୁଖରେ ଗଣଧାରଣା

**ରାଜକନିକା,୧୭।୩(ଡି.ଏନ୍.ଏ)**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନବିରୋଧୀ ନୀତିର ପ୍ରତିବାଦରେ ବୁଧବାର ରାଜକନିକା ବ୍ଲକ କଂଗ୍ରେସ ପକ୍ଷରୁ ସ୍ଥାନୀୟ ତହସିଲ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଏହି ଅବସରରେ ୭ ଦଫା ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି । ପେଟ୍ରୋଲ,ଡିଜେଲ,ରନ୍ଧନ ଗ୍ୟାସ ଓ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ଅହେତୁକ ଦର ବୃଦ୍ଧି, କେନ୍ଦ୍ର ସରକାର ୩ କଳା କୃଷି ବିଲ ପ୍ରତ୍ୟାହାର, ରାଜକନିକା ବ୍ଲକ ଚାଷୀଙ୍କ ବଳକା ଧାନକୁ ମଣ୍ଡିରେ ବିକ୍ରି ବ୍ୟବସ୍ଥା, ବିଭିନ୍ନ ପଞ୍ଚାୟତରେ ହୋଇଥିବା ଦୁର୍ନୀତି ଅଭିଯୋଗର ନିରପେକ୍ଷ ତଦନ୍ତ, କେନ୍ଦ୍ରାପଡା ସଦର ମହକୁମାରେ ମେଡିକାଲ କଲେଜ ପ୍ରତିଷ୍ଠା ଆଦି ଦାବି ନେଇ ବ୍ଲକ କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଗଣଧାରଣାରେ ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରା, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ଆଳି ବ୍ଲକ କଂଗ୍ରେସ ସଭାପତି ରବୀନ୍ଦ୍ର ବେହେରା, ରାଜମୋହନ ସ୍ୱାଇଁ, ବାବୁରାମ ଜେନା, ସରପଞ୍ଚ କୈଳାସ ତରାଇ, ଅଜୟ ଦାସ ପ୍ରମୁଖ ଯୋଗ ଦେଇଥିଲେ ।


ଆନ୍ଦୋଳନରେ ସାମିଲ କଂଗ୍ରେସ ନେତା ଓ କର୍ମୀମାନେ।

## ୫୭ଜଣଙ୍କ ବିଦ୍ୟୁତ୍ ବିଲ ସଂଶୋଧନ ହେଲା

**ପଟ୍ଟାମୁଣ୍ଡାଇ,୧୭।୩(ସ୍ୱ.ପ୍ର.)**

ବିଦ୍ୟୁତ୍ ବିଲ ସଂଶୋଧନ କ୍ୟାମ୍ପ ବୁଧବାର ପଟ୍ଟାମୁଣ୍ଡାଇ ଉପଖଣ୍ଡ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପାରାଦୀପ ଜିଆରଏଫ୍ ସଭାପତି ପ୍ରଶାନ୍ତ ପଟ୍ଟନାୟକ, ସଦସ୍ୟ ବାବୁରାମ ସେଠୀ, ଅବନ୍ତୀ ବେହେରା ପ୍ରମୁଖ ଯୋଗ ଦେଇ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲ ସଂଶୋଧନ କରିଥିଲେ । ଏହି କ୍ୟାମ୍ପରେ ପାରାଦୀପ ସର୍କଲର ସହକାରୀ ପରିଚାଳକ ଶୁଭେନ୍ଦୁ ପ୍ରଧାନ, ଶ୍ରୀକାନ୍ତ ରାଉତ, ଆଇନଜୀବି ଭୀମସେନ ପରିଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ବିବେକାନନ୍ଦ ପଣ୍ଡା ପ୍ରମୁଖ ଯୋଗଦେଇ ଥିଲେ । ଏହି କ୍ୟାମ୍ପକୁ ୨୫୦ ଉପଭୋକ୍ତା ବିଲ ସଂଶୋଧନ ପାଇଁ ଆସିଥିଲେ । ସେମାନଙ୍କ ମଧ୍ୟରୁ ୫୭ ଜଣଙ୍କ ବିଲ୍ ସଂଶୋଧନ ହୋଇଥିଲା। ଉପଭୋକ୍ତାଙ୍କଠାରୁ ୧୦ଲକ୍ଷ ୨୦ ହଜାର ଟଙ୍କା ବକେୟା ବିଦ୍ୟୁତ୍ ବିଲ ଆଦାୟ କରାଯାଇଥିଲା । ଚଳିତ ମାସ ୨୯ ତାରିଖରେ ଆଉ ଏକ ଜିଆରଏଫ୍ କ୍ୟାମ୍ପ ହେବ ବୋଲି କର୍ତ୍ତୃପକ୍ଷ କହିଛନ୍ତି ।

## ନୟାଗଡ଼ କଲେଜରେ ଉତ୍ତେଜନା

**ନୟାଗଡ଼ ଅଫିସ,୧୭।୩:** ନୟାଗଡ଼ ଜୁନିୟର କଲେଜରେ ବୁଧବାର ଛାତ୍ର ଅଶାନ୍ତି ଦେଖା ଦେଇଥିଲା । ଦୁଇ ପକ୍ଷଙ୍କ ମଧରେ ବିବାଦ ଯୋଗୁ ଏହି ପରିସ୍ଥିତି ସୃଷ୍ଟି ହୋଇଥିଲା । ଖବର ପାଇ ନୟାଗଡ଼ ଟାଉନ ଥାନା ପୋଲିସ ପହଞ୍ଚି ଉଭୟ ଗୋଷ୍ଠୀ ଛାତ୍ରଙ୍କୁ ବୁଝାସୁଝା କରିଥିଲା । କଲେଜ ଅଧକ୍ଷ ଛାତ୍ର ଓ ଅଭିଭାବକଙ୍କୁ ବୁଝାସୁଝା କରିବା ପରେ ବିବାଦର ସମାଧାନ ହୋଇଥିଲା ।

# ଧାନକିଣାରେ ଦୁର୍ନୀତିକୁ ନେଇ ଆନ୍ଦୋଳନ

**କାଳିଓ ସେବା ସମବାୟ ସମିତିରେ ତାଲା**

**ବାଲିକୁଦା,୧୭।୩(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ କାଳିଓ ସେବା ସମବାୟ ସମିତିରେ ଧାନ ଟୋକନ ବାତିଲକୁ ନେଇ ବୁଧବାର ସମିତିରେ ଚାଷୀମାନେ ତାଲା ପକାଇ ଦେଇଛନ୍ତି। ୪୫ ଜଣ ଚାଷୀଙ୍କର ଧାନ ୧୨ ତାରିଖରେ ଦେବାକୁଥିବା ବେଳେ ଜିଲା କାର୍ଯ୍ୟାଳୟରୁ ପ୍ରଦାନ କରାଯାଇଥିବା ମେସେଜରେ ବିଳମ୍ବ ଯୋଗୁ ତାହା ସମ୍ଭବ ହୋଇ ନ ଥିଲା। ଏମାନଙ୍କ ଧାନ କିଣାଯିବା ପରେ ହିଁ ଅନ୍ୟମାନଙ୍କ ପରବର୍ତ୍ତୀ ତାରିଖରେ ସେବା ସମବାୟ ସମିତି କିଣିବ ବୋଲି ଆନ୍ଦୋଳନରତ ଚାଷୀ ଅଡି ବସିଛନ୍ତି। ଖବରପାଇ ଏସିଏସ୍‌ଓ ପ୍ରଫୁଲ୍ଲ ବେହେରା ପହଞ୍ଚି ଆନ୍ଦୋଳନରତ ଚାଷୀଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ସେମାନେ କିଛି ଶୁଣି ନ ଥିଲେ। ଫଳରେ କୌଣସି ସମାଧାନ ହୋଇପାରିନାହିଁ। ଟୋକନ ବାତିଲ ହୋଇଥିବା ଚାଷୀମାନଙ୍କ ଧାନ କିଣା ନ ହେବା ପର୍ଯ୍ୟନ୍ତ ମଣ୍ଡିକୁ ବନ୍ଦ ରଖିବାକୁ ସେମାନେ ଜିଦ୍‌ରେ ଅଟଳ ରହିଛନ୍ତି। ସମ୍ପାଦକ ସଦାନନ୍ଦ ଭୋଳ ଯୋଗାଣ ବିଭାଗର ତ୍ରୁଟି ବୋଲି କହିଛନ୍ତି। ଏସିଏସ୍‌ଓ ବେହେରାଙ୍କୁ ପଚାରିବାରୁ ଜିଲାପାଳଙ୍କ ପରାମର୍ଶ ଲୋଡ଼ାଯାଇଛି। ଏହାର ନିଶ୍ଚିତ ସମାଧାନ ହେବ ବୋଲି ସେ କହିଛନ୍ତି। ଆନ୍ଦୋଳନରେ ବାବାଜି ଜେନା, ହରେକୃଷ୍ଣ ବାରିକ, ନାରାୟଣ ପରିଡ଼ା, ଜଗବନ୍ଧୁ ଭୋଳଙ୍କ ସମେତ ବହୁ ଚାଷୀ ସାମିଲ ହୋଇଥିଲେ।


ଚାଷୀମାନେ ସମିତିରେ ତାଲା ପକାଇଦେଇଛନ୍ତି।

# ରାସ୍ତା ଉପରେ ପରିବା ବ୍ୟବସାୟୀ

- ପର୍ଯ୍ୟଟନ କ୍ଷେତ୍ରକୁ ଅଣଦେଖା
- ସ୍ଥାୟୀ ବିପଣୀ ଗୃହ ନାହିଁ
- ଟ୍ରାଫିକ ସମସ୍ୟା ଯୋଗୁ ପଥଚାରୀ ହୀନସ୍ତା

**ଖଣ୍ଡପଡା,୧୭।୩(ସ୍ୱ.ପ୍ର.)**

ଓଡ଼ିଶାରେ ପ୍ରମୁଖ ପର୍ଯ୍ୟଟନସ୍ଥଳ ଭାବେ କଣ୍ଟିଲୋର ଶ୍ରୀନୀଳମାଧବ କ୍ଷେତ୍ର ମାନ୍ୟତା ପାଇଛି। ପ୍ରତ୍ୟହ ରାଜ୍ୟ ତଥା ବାହାରୁ ଶତାଧିକ ପର୍ଯ୍ୟଟକ ଜୀଉଙ୍କ ଦର୍ଶନରେ ଆସୁଛନ୍ତି। ସ୍ଥାନୀୟ ଅଞ୍ଚଳର ଲୋକେ ବିଭିନ୍ନ କାମରେ କଣ୍ଟିଲୋକୁ ଆସିଥାନ୍ତି। କଣ୍ଟିଲୋରେ ପନିପରିବା, ମାଛ ଓ ମାଂସ ବ୍ୟବସାୟୀଙ୍କ ପାଇଁ ଏଠାରେ ସ୍ଥାୟୀ ବିପଣୀ ଗୃହ ନାହିଁ। ଫଳରେ ସେମାନେ ମୁଖ୍ୟ ଛକ ଓ ରାସ୍ତା କଡରେ ପସରା ମେଲାଇ ବସୁଛନ୍ତି। ପ୍ରତ୍ୟହ ରାସ୍ତା ଉପରେ ହାଟ ବସିବା ଯୋଗୁ ଟ୍ରାଫିକ ସମସ୍ୟା ଉପୁଜି ଯାନବାହନ ଚଳାଚଳରେ ସମସ୍ୟା ଉପୁଜୁଛି। ଏସବୁ ଅବ୍ୟବସ୍ଥାକୁ ଦେଖି ପର୍ଯ୍ୟଟକମାନେ ନାକ ଟେକୁଛନ୍ତି।

କଣ୍ଟିଲୋ ପଞ୍ଚାୟତ, ବାଣପୁର, ପଥରଚକଡା, ଧାନଚେଙ୍ଗଡା, ସିଧାମୂଳା ଆଦି ଅଞ୍ଚଳର ଜନସାଧାରଣ ଦୈନିକ ପନିପରିବା, ମାଛ ଓ ମାଂସର ଆବଶ୍ୟକତା ପାଇଁ କଣ୍ଟିଲୋ ଉପରେ ନିର୍ଭର କରିଥାନ୍ତି। ଏସବୁ ଅଞ୍ଚଳର ଲୋକଙ୍କ ଆବଶ୍ୟକତାକୁ ପୂରଣ କରିବାକୁ ପ୍ରତ୍ୟହ ବାଣପୁର, ଧାନଚେଙ୍ଗଡା, ପଥରଚକଡା, ମହାନଦୀର ଅପରପାର୍ଶ୍ୱ ଏକଡାଳ, ନରସିଂହପୁର, ମାନପୁର, ବାଘେଡିଆ ଓ କାନପୁର ଆଦି ଅଞ୍ଚଳର ଚାଷୀ ବାଡିବଗିଚାରୁ ଉତ୍ପାଦିତ ପନିପରିବା ସହ ମାଛ, ମାଂସ ବେପାରୀ ପ୍ରତ୍ୟହ କଣ୍ଟିଲୋକୁ ଆସି ସେମାନଙ୍କ ବେପାର କରିଥାନ୍ତି। ବେପାରୀମାନେ କଣ୍ଟିଲୋ ଯାତ୍ରାପଦା ବଜାର ଛକ, ନୀଳମାଧବ ମନ୍ଦିର ରାସ୍ତାପାର୍ଶ୍ୱରେ ସକାଳୁ ସନ୍ଧ୍ୟା ଯାଏ ଖୋଲାମେଲାରେ ବସି ବ୍ୟବସାୟ କରୁଛନ୍ତି। କେବଳ ବ୍ୟବସାୟୀ ନୁହେଁ, ଗ୍ରାହକମାନେ ମଧ ବର୍ଷା ଓ ଖରାରେ ପରିବା କ୍ରୟ କରିବା ବେଳେ ଅନୁରୂପ ହଇରାଣ ହେଉଛନ୍ତି। ମୁଣ୍ଡ ଉପରେ ପଲିଥିନ୍ ଜରି ଖଣ୍ଡେ ଟାଣିବାକୁ ଜାଗା ନାହିଁ। ରାସ୍ତାକୁ ଅବରୋଧ କରି ଛତା ଟେକି ବେପାର କରୁଛନ୍ତି। ଏଥିଯୋଗୁ ରାସ୍ତା ସଂକୁଚିତ ହୋଇଯାଉଛି। ରାସ୍ତାରେ ଗହଳି ଯୋଗୁ ପଥଚାରୀ ଓ ବଜାର ନିକଟସ୍ଥ ଖୁଦବେହେରାପାଟଣା, କୃଷ୍ଣେଶ୍ୱରପାଟଣା, କଂସାରୀସାହିପାଟଣାର ଝିଅ ବୋହୂମାନେ ଯିବାଆସିବାରେ ଅସୁବିଧା ହେଉଛି। ମହାନଦୀକୁ ସ୍ନାନ ଶୌଚାଦି ପାଇଁ ଜନଗହଳିପୂର୍ଣ୍ଣ ବଜାର ଛକ ଦେଇ ମହିଳାମାନେ ଯିବାକୁ ସଂକୋଚ ମଣୁଛନ୍ତି। ଏହାଛଡା ଭୁବନେଶ୍ୱର, ନୟାଗଡ ଓ ଦଶପଲ୍ଲା, ଗଣିଆରୁ ଯାତାୟାତ କରୁଥିବା ଯାନବାହନ ଓ ଯାତ୍ରୀବାହୀ ବସ୍‌ଗୁଡ଼ିକ ଏହି ମୁଖ୍ୟରାସ୍ତା ଉପରେ ଗହଳି ଯୋଗୁ ଅଟକି ରହୁଛି। ଫଳରେ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ଗହଳି ଯୋଗୁ ଜରୁରିକାଳୀନ ଆମ୍ବୁଲାନ୍ସ ଓ ଅଗ୍ନିଶମ ବାହିନୀ ଗାଡି ଯିବାରେ ବାଧାପ୍ରାପ୍ତ ହେଉଛି। ସୂଚନାଯୋଗ୍ୟ, କଣ୍ଟିଲୋ ପଞ୍ଚାୟତ କାର୍ଯ୍ୟାଳୟ ନିକଟ ଗାନ୍ଧୀପାର୍କ, ଶ୍ରୀଜୀଉଙ୍କ ଚନ୍ଦନ ପୋଖରୀ ନିକଟ, ନୀଳମାଧବ ଜୀଉଙ୍କ ମାଘମେଳା ପଡିଆ ଓ ମନ୍ଦିର ପଶ୍ଚିମପାର୍ଶ୍ୱ ମାଳବନ୍ଧଠାରୁ ଗାନ୍ଧୀପାର୍କ ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ଜାଗା ରହିଛି। ଏସବୁ ସ୍ଥାନରେ ଦୈନିକ ପରିବା ହାଟ ସାଙ୍ଗକୁ ମାଛ, ମାଂସ ବିକ୍ରିର ବ୍ୟବସ୍ଥା କରାଗଲେ ଉପରୋକ୍ତ ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ କହିଛନ୍ତି। ବଜାର ନିୟନ୍ତ୍ରଣ କମିଟି ନ ଥିବାରୁ ବିଭିନ୍ନ ସମୟରେ ଗ୍ରାମବାସୀ ଓ ପୋଲିସ ପ୍ରଶାସନ ପକ୍ଷରୁ ରାସ୍ତାପାର୍ଶ୍ୱରେ ବସୁଥିବା ବ୍ୟବସାୟୀଙ୍କୁ ଅନ୍ୟତ୍ର ଯିବାକୁ ବାଧ କଲେ ଚାଲି ଯାଇଥାନ୍ତି। ପୁଣି ସେମାନେ ପୂର୍ବ ଜାଗାକୁ ଫେରିଆସନ୍ତି। ଏ ଦିଗରେ ପୋଲିସ ତଥା ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।


କଣ୍ଟିଲୋ ରାସ୍ତା ଉପରେ ଥିବା ବଜାରରେ ଲୋକଙ୍କ ଗହଳି।

## ମୋବାଇଲ ଚୋରି ବେଳେ ଧରାପଡ଼ିଲେ ଯୁବକ

**ଧର୍ମଶାଳା,(ଡି.ଏନ.ଏ.):** ଧର୍ମଶାଳା ଥାନା ବାରବାଟି ପରିବା ହାଟରୁ ଜଣେ ଗ୍ରାହକଙ୍କ ପକେଟରୁ ମୋବାଇଲ ଚୋରି କରି ନେଉଥିବା ଜଣେ ଯୁବକଙ୍କୁ ଲୋକେ ଧରି ପୋଲିସ ଜିମା ଦେଇଛନ୍ତି। ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ଯାଜପୁର ରୋଡ୍ ଥାନା ଅଧୀନ ମୁଗପାଳ ଗ୍ରାମର ବିକି ପ୍ରଧାନ (୨୦) ବୋଲି ଜଣାପଡ଼ିଛି। ବୁଧବାର କୁଆଖିଆ ଥାନା କଲଣ ଗ୍ରାମର ହୃଦାନନ୍ଦ ସାହୁ ବାରବାଟି ହାଟକୁ ଆସିଥିଲେ। ପରିବା କିଣିବା ସମୟରେ ବିକି ତାଙ୍କ ପକେଟରୁ ମୋବାଇଲ ଚୋରି କରିଥିଲେ। ଲୋକେ ଦେଖି ତାଙ୍କୁ କାବୁ କରିବା ସହ ପୋଲିସକୁ ଖବର ଦେଇଥିଲେ। ଥାନାରେ ୧୪୦/୨୧ରେ ମାମଲା ରୁଜୁ କରାଯାଇଛି।

**ସଂକ୍ଷେପରେ**

## ଚୋରି ସାଉଣ୍ଡ ବକ୍ସ ଜବତ, ଅଭିଯୁକ୍ତ ଗିରଫ

**ଧର୍ମଶାଳା,୧୭।୩(ଡି.ଏନ.ଏ.):** ଧର୍ମଶାଳା ବଜାରର ସାଉଣ୍ଡ ବ୍ୟବସାୟୀ ପ୍ରଶାନ୍ତ ମୁଦୁଲିଙ୍କ ୧୫ ଦିନ ତଳେ ଚୋରି ହୋଇଥିବା ୫ ସାଉଣ୍ଡ ବକ୍ସକୁ ପୋଲିସ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ କୁଆଖିଆ ଥାନା ଓରାଳି ଗ୍ରାମର ମଳୟ ନାୟକ(୨୧)। ୧୫ ଦିନ ତଳେ ଏହି ଥାନା ଚୋରମୁହାଁ ବଜାର ପଡିଆରେ ଚାଲିଥିବା ଏକ ଖେଳରେ ପ୍ରଶାନ୍ତଙ୍କ ସାଉଣ୍ଡ ସିଷ୍ଟମ ଲାଗିଥିଲା। ଖେଳ ସରିବା ପରେ ଟ୍ରଲିରେ ଲୋଡ୍ ହୋଇଥିବା ୫ ସାଉଣ୍ଡ ବକ୍ସକୁ ମଳୟ ଚୋରି କରି ନେଇଥିଲେ। ଏନେଇ ପ୍ରଶାନ୍ତ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୩୮/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ମଙ୍ଗଳବାର କୁଆଖିଆ ଥାନା ଅନ୍ତର୍ଗତ ଓରାଳି ଗ୍ରାମରୁ ସାଉଣ୍ଡ ବକ୍ସକୁ ପୋଲିସ ଜବତ କରିବା ସହିତ ଅଭିଯୁକ୍ତ ମଳୟଙ୍କୁ ଗିରଫ କରିଥିଲା।

## ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଆଳି,୧୭।୩(ଡି.ଏନ.ଏ:**ରାଜ୍ୟସ୍ତରୀୟ ୧୫ ତମ ଶରତ କୁମାର ଦେବ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ଆଳି ହାଇସ୍କୁଲ ମିନିଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟକୁ ଆଳି ରାଜା ବ୍ରଜକେଶରୀ ଦେବ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ଯୋଗ ଦେଇଥିଲେ । ଉଦଘାଟନୀ ମ୍ୟାଚ୍ ଯାଜପୁର ଟାଟା ମାଇନ୍ସ ଓ ଭଦ୍ରକ ୟୁନାଇଟେଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେବାରେ ସକ୍ଷମ ହୋଇ ନ ଥିଲେ । ଦ୍ୱିତୀୟାର୍ଦ୍ଧରେ ଭଦ୍ରକ ୟୁନାଇଟେଡ ଯାଜପୁର ଟାଟା ମାଇନ୍ସକୁ ୧-୦ ଗୋଲ ଦେଇ ବିଜୟୀ ହୋଇଥିଲା। ରେଫରୀ ଭାବେ ଜ୍ୟୋତିରଞ୍ଜନ ସ୍ୱାଇଁ, ସୁଦିପ ଦାସ, ପ୍ରଦୀପ୍ତ ମହାନ୍ତି, ଦୈତାରୀ କର୍ଣ୍ଣ ପ୍ରମୁଖ ପରିଚାଳନା କରିଥିଲେ । ଟୁର୍ନାମେଣ୍ଟକୁ ଶରତ କୁମାର ଦେବ ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟର ସମ୍ପାଦକ ଭୀଷ୍ମ ମହାନ୍ତି ଓ ସଭାପତି ମନୋରଞ୍ଜନ ସାମଲ ପରିଚାଳନା କରିଥିଲେ । ଗୁରୁବାର ଆଳି ଆଥ୍‌ଲେଟିକ ଆସୋସିଏଶନ ଟିମ୍ ଓ ଭୁବନେଶ୍ୱର ୟୁନିଟ-୬ ଟିମ୍ ମଧ୍ୟରେ ମୁକାବିଲା ହେବ ।

## ନାବାଳିକା ଅପହରଣକାରୀ କୋର୍ଟ ଚାଲାଣ

**କଳିଙ୍ଗନଗର,୧୭।୩(ଡି.ଏନ.ଏ.):** ନାବାଳିକା ଅପହରଣକାରୀଙ୍କୁ ଯଖପୁରା ପୋଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି । । ଗିରଫ ଅଭିଯୁକ୍ତ ହେଲେ ଯଖପୁରାର କାହ୍ନୁ ଜଟାଧାରୀ (୨୫) । ଏ ନେଇ ଏକ ମାମଲା(ନଂ.୨୪/୨୦୨୧) ରୁଜୁ ହୋଇଛି। ଅପରପକ୍ଷେ ଉଭୟଙ୍କୁ ଡାକ୍ତରମାଇନା କରାଯାଇଛି। ସୂଚନାଯୋଗ୍ୟ, ଗତ ୯ତାରିଖ ଅପରାହ୍ନରେ ଜଣେ ନାବାଳିକାଙ୍କୁ କେହି ଅପହରଣ କରି ନେଇଥିବା ଜଣେ ମହିଳା ଥାନାରେ ଅଭିଯୋଗ କରିଥିଲେ। ନାବାଳିକାଙ୍କୁ ଠାବ କରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲେ।ଠଯଖପୁରାର କାହ୍ନୁ ମଲିକ ନାବାଳିକାଙ୍କୁ ଅପହରଣ କରି ନେଇଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ। ପୋଲିସ ସଦଳବଳ ଯଖପୁରାରେ ପହଞ୍ଚି କାହ୍ନୁଙ୍କୁ ଗିରଫ କରିଥିଲା । ଶେଷରେ କୁଆଖିଆ ଥାନା ନିମପାଟଣାରୁ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିଥିଲା ।

# ବିଡିଓଙ୍କ ପ୍ରକୋଷ୍ଠରେ ପରିବା ଢାଳିଲେ ଚାଷୀ

**ଯାଜପୁର ଅଫିସ/ବରୀ,(ଡି.ଏନ.ଏ.)**



ବିଡିଓଙ୍କ ପ୍ରକୋଷ୍ଠରେ ପରିବା ଢଳାଯାଇଛି।

ଯାଜପୁର ଜିଲାରେ ପ୍ରାୟ ୧୮ ହଜାର ହେକ୍ଟର ଜମିରେ ପନିପରିବା ଚାଷ ହେଉଛି। ଜିଲାର ପନିପରିବା ବାହାର ଜିଲା ସମେତ ଦେଶବିଦେଶକୁ ରପ୍ତାନି ହେଉଛି। କିନ୍ତୁ ଜିଲା କୃଷି ଓ ଉଦ୍ୟାନ ବିଭାଗର ଆନ୍ତରିକତା ଅଭାବରୁ ୭ ବର୍ଷ ମଧ୍ୟରେ ଶୀତଳ ଭଣ୍ଡାର ୧ ରୁ ୨କୁ ଛୁଇଁ ପାରିନାହିଁ। ଯାଜପୁର ଓ କଟକ ଜିଲା ସୀମାନ୍ତ ଛତିଆରେ ଏକମାତ୍ର ବଂଶୀଧର ଶୀତଳ ଭଣ୍ଡାର ରହିଛି। ତାହା ଦୂର ହେଉଥିବାରୁ ଚାଷୀ ନିଜ ପନିପରିବାକୁ ଦଲାଲଙ୍କ ହାତରେ ଟେକି ଦେଇ କ୍ଷତିର ସମ୍ମୁଖୀନ ହେଉଛନ୍ତି । ଏହାର ପ୍ରତିବାଦରେ ବୁଧବାର ବରୀ ବିଡିଓଙ୍କ ଶୀତତାପ ନିୟନ୍ତ୍ରିତ(ଏସି) କୋଠରୀରେ ଚାଷୀ ଟମାଟୋ ସହ ଅନ୍ୟାନ୍ୟ ପନିପରିବା ଢାଳି ଥିଲେ । ଯାହାକି ସାରା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

ବନ୍ୟା ଓ କରୋନା ଯୋଗୁ ଚାଷ କାର୍ଯ୍ୟ ପ୍ରଭାବିତ ହୋଇଥିଲା। ନିଜ ଆର୍ଥିକ ମାନଦଣ୍ଡକୁ ସୁଧାରିବା ପାଇଁ ଚାଷୀ ଧାରକରଜ କରି ଚାଷ କରିଥିଲେ । ଜିଲାରେ ଆବଶ୍ୟକ ଶୀତଳ ଭଣ୍ଡାର ନ ଥିବାରୁ ଚାଷୀ ପନିପରିବାକୁ ସାଇତି ରଖିପାରି ନାହାନ୍ତି। ବର୍ତ୍ତମାନ ଟମାଟୋ କିଲୋ ପ୍ରତି ୫ ରୁ ୭ ଟଙ୍କା, ବାଇଗଣ ୮ରୁ ୧୦ ଟଙ୍କା,

**■ ଶୀତଳ ଭଣ୍ଡାର ଅଭାବର ପ୍ରତିବାଦ**

କୋବି ୧୦ ରୁ ୧୫ ଟଙ୍କା, କଲରା ୧୫ ରୁ ୨୦ ଟଙ୍କା, କାକୁଡ଼ି ୧୦ ରୁ ୧୨ ଟଙ୍କାରେ ବ୍ୟବସାୟୀଙ୍କ ବିକ୍ରି କରିବାକୁ ଚାଷୀ ବାଧ ହେଉଛି। ରାଜ୍ୟରେ ପନିପରିବା ଚାଷ ପାଇଁ ପ୍ରସିଦ୍ଧ ଯାଜପୁର ଜିଲା ଛତିଆରେ ୪,୯୦୦ ଏମଟି କ୍ଷମତା ବିଶିଷ୍ଟ ଏକମାତ୍ର ଶୀତଳ ଭଣ୍ଡାର ରହିଛି । ଅନ୍ୟପକ୍ଷେ ଗତ ୫ ବର୍ଷ ହେବ ପାଣିକୋଇଲି ନିକଟରେ ୫ ହଜାର ଏମଟି କ୍ଷମତା ବିଶିଷ୍ଟ ନିର୍ମାଣାଧୀନ ଶୀତଳ ଭଣ୍ଡାର କାମ ସରିନି। ଖାଲି ସେତିକି ନୁହେଁ ୩୦ ଏମଟି କ୍ଷମତା ବିଶିଷ୍ଟ ଛୋଟ ଶୀତଳ ଭଣ୍ଡାରଟିଏ ମଧ୍ୟ ଜିଲାରେ ହୋଇପାରିନାହିଁ। ଜିଲାର ଚାଷୀ ବର୍ଷର ଅଧିକାଂଶ ସମୟରେ ଅଭାବୀ ବିକ୍ରିର ଶିକାର ହୋଇଥାନ୍ତି। ବିଭିନ୍ନ ଯୋଜନା ସମେତ ପରିବା ସଂରକ୍ଷଣ ପାଇଁ ପ୍ୟାର୍କି ଗୃହ ନିର୍ମାଣ, ୩୦ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ଶୀତଳିକରଣ ଗୃହ, ୬ ଟନ୍ କ୍ଷମତା ବିଶିଷ୍ଟ ପ୍ରାକ ଶୀତଳିକରଣ ପ୍ରକଳ୍ପ, ସମନ୍ୱିତ ପ୍ୟାକିଂ ଗୃହ, ଭ୍ରାମ୍ୟମାଣ ପ୍ରାଥମିକ ଶୀତଳିକରଣ ପ୍ରକଳ୍ପ, ସର୍ବାଧିକ ୫ହଜାର ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ଶୀତଳ ଭଣ୍ଡାର ନିର୍ମାଣ/ପ୍ରଶସ୍ତିକରଣ/ଉନ୍ନତିକରଣ ପ୍ରଭୃତି ଯୋଜନା ରହିଛି । ହେଲେ ଏହିସବୁ ଯୋଜନା ଜିଲାରେ କେବଳ କାଗଜକଲମରେ ସୀମିତ ରହୁଛି। ଏହାବାଦ୍ ଗତ ୫ ବର୍ଷ ମଧ୍ୟରେ ରାଜ୍ୟରେ ସମବାୟ ବିଭାଗ ଅଧୀନରେ କୌଣସି ଶୀତଳ ଭଣ୍ଡାର ହୋଇନାହିଁ। ପୂର୍ବରୁ ସମବାୟ ବିଭାଗ ଅଧୀନରେ ରାଜ୍ୟରେ ସମୁଦାୟ ୧୮ ସମବାୟ ଶୀତଳ ଭଣ୍ଡାର ରହିଛି। ସେଥିରୁ ମାତ୍ର ୪ଟି କାର୍ଯ୍ୟକ୍ଷମ। ହେଲେ ବିଡମ୍ବନା ଯେ, ଯାଜପୁର ଜିଲାରେ ଗୋଟିଏ ବି ସମବାୟ ଭିତ୍ତିକ ଶୀତଳ ଭଣ୍ଡାର ନିର୍ମାଣ ହୋଇ ପାରିନାହିଁ।

ବରୀ ଦୀପାଞ୍ଚଳ ଉନ୍ନୟନ ପରିଷଦ ସଭାପତି କୁଳମଣି ଶୁକ୍ଳଙ୍କ ନେତୃତ୍ୱରେ ବିଡିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ଉତ୍ପାଦିତ ଟମାଟୋ, ବାଇଗଣ ସମେତ ଅନ୍ୟାନ୍ୟ ପନିପରିବା ଢାଳିବାର ଦେଖିବାକୁ ମିଳିଥିଲା। ଶୀତଳ ଭଣ୍ଡାର ସ୍ଥାପନ, ଉତ୍ପାଦିତ ଶସ୍ୟକୁ ବିକ୍ରୟ କରିବା ନିମନ୍ତେ ବଜାର ସୃଷ୍ଟି ଓ ଚାଷୀଙ୍କ ସର୍ବନିମ୍ନ ଆବଶ୍ୟକତା ପୂରଣ ଦିଗରେ ସରକାର ଗୁରୁତ୍ୱ ଦିଅନ୍ତୁ ବୋଲି ପ୍ରଶାନ୍ତ ପଢିହାରୀ, ଆଶୁତୋଷ ଜେନା, ଉତ୍ସବ ପରିଡା, ଗୋବିନ୍ଦ ମଲ୍ଲିକ ପ୍ରମୁଖ ଦାବି କରିଥିଲେ। ବିଡିଓ ଶିବାନନ୍ଦ ସ୍ୱାଇଁ କହିଛନ୍ତି, ଏହା କୃଷି ବିଭାଗ ସମ୍ବନ୍ଧୀୟ ଅଭିଯୋଗ। କୃଷି କିମ୍ବା ତହସିଲ ପ୍ରଶାସନ ଏହାର ସମାଧାନ କରି ପାରିବେ। ତଥାପି କୃଷକମାନଙ୍କ ଏହି ସମସ୍ୟା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ।

# ଯୋଜନାରୁ ବାଦ୍ ପଡୁଛନ୍ତି ଯୋଗ୍ୟ ହିତାଧିକାରୀ

**ରସୁଲପୁର,୧୭।୩(ଡି.ଏନ.ଏ.)**

**ବ୍ଲକ କାର୍ଯ୍ୟାଳୟ ଘେରାଉ ପାଇଁ ଭାଜପାର ଚେତାବନୀ**

ରସୁଲପୁର ବ୍ଲକ ଅଧୀନ ବରୀ ନିର୍ବାଚନମଣ୍ଡଳୀର ପ୍ରଥମାଖଣ୍ଡି, ରାଜେନ୍ଦ୍ରପୁର, ଅତଲାପୁର, ସମାନ୍ତରାପୁର, ବ୍ରହ୍ମବରଦା, ମହେଶ୍ୱରପୁର, ବନ୍ଧଡ଼ିହ, ଅର୍ଥଗାଁ, ମଙ୍ଗରାଜପୁର ଓ ରାଉତରାପୁର ଆଦି ୧୦ଟି ପଞ୍ଚାୟତରେ ଜନହତକାରୀ ଯୋଜନା ବାଟବଣା ହୋଇଛି। ସରକାରଙ୍କ ଜନମଙ୍ଗଳକାରୀ ଯୋଜନାରୁ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯାଉଛି। ଯୋଜନାକୁ କାର୍ଯ୍ୟକାରୀ କରିବାରେ ବ୍ୟାପକ ଅନିୟମିତତା ହେଉଛି। ଏଥିରେ ପରିବର୍ତ୍ତନ ନ ଆସିଲେ ଆଗାମୀ ଦିନରେ ଭାଜପା ବ୍ଲକ କାର୍ଯ୍ୟାଳୟ ଘେରାଉ କରିବ ବୋଲି ବରୀ ବ୍ଲକ ଭାଜପା ନେତା ବିଶ୍ୱରଞ୍ଜନ ମଲ୍ଲିକ ଚେତାବନୀ ଦେଇଛନ୍ତି।

ସୋମବାର ଉକ୍ତ ୧୦ ପଞ୍ଚାୟତର ଛାମୁଆ ନେତା କର୍ମୀଙ୍କୁ ନେଇ କୁଆଖିଆ ବାଜାର ହରପାର୍ବତୀ ମନ୍ଦିର ନିକଟରେ ଏକ ବୈଠକ ହୋଇଥିଲା। ବୈଠକରେ ବ୍ଲକ ପ୍ରଶାସନ କିଭଳି ଶାସକ ଦଳର ନେତାକର୍ମୀଙ୍କ ହାତବାରିଶ ହୋଇ କାମ କରୁଛି ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମଲ୍ଲିକ କହିଥିଲେ, କେନ୍ଦ୍ରୀୟ ଯୋଜନା ତୃଣମୂଳସ୍ତରରେ କାର୍ଯ୍ୟକାରୀ ହେବାର ଅଗ୍ରଗତିକୁ ଶିଥିଳତା କରି ଦିଆଯାଉଛି। ପ୍ରଥମାଖଣ୍ଡି ପଞ୍ଚାୟତ ଗୋପାଳପୁର ଗାଁରେ ବୁଣାକାରଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ସୁବିଧା ଠିକ୍‌ରେ କାର୍ଯ୍ୟକାରୀ କରାଯାଉ ନାହିଁ। ଏହିଭଳି ଅନେକ ଅନିୟମିତତା ରସୁଲପୁର ବ୍ଲକରେ ଘଟୁଛି ବୋଲି ମଲ୍ଲିକ ଅଭିଯୋଗ କରିଥିଲେ। ପରେ ବିଭିନ୍ନ ପଞ୍ଚାୟତର ଛାମୁଆ ନେତାଙ୍କ ସମେତ ଜିଲା ଭାଜପା ସମ୍ପାଦକ ମୁକୁନ୍ଦଦେବ ମହାନ୍ତି, ଜିଲା ପରିଷଦ ସଦସ୍ୟ ଚତୃଭୁଜ ଦ୍ୱିବେଦୀ, ସରପଞ୍ଚ ଚିନ୍ତାମଣୀ ସୁର, ବଟକୃଷ୍ଣ ସାହୁ, ତପନ ମଲିକ, ବିକାଶ ରାଉତ, ଗୌତମ ଜେନା, ପ୍ରଦୀପ ରଥ, ସେକ୍ ଜାଉଲ ପ୍ରମୁଖଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଜନ ପ୍ରତିନିଧି ଓ ଦଳୀୟ କାର୍ଯ୍ୟକର୍ତ୍ତା ବିଡିଓ ଉମାକାନ୍ତ ପରିଡ଼ାଙ୍କୁ ଭେଟି ବରୀ ନିର୍ବାଚନମଣ୍ଡଳୀରେ ଏହି ବ୍ଲକରୁ ସାମିଲ ହୋଇଥିବା ପଞ୍ଚାୟତଗୁଡ଼ିକରେ ଭତ୍ତା, ରାଶନକାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଭଳି ଜନହିତକାରୀ ଯୋଜନାକୁ ଠିକ୍‌ରେ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ।

# ଏନ୍‌ଏଚ୍ କାର୍ଯ୍ୟର ପାଉଁଶ ଉଡ଼ି ପ୍ରଦୂଷଣ



ରାଜପଥ ମରାମତି କାର୍ଯ୍ୟରେ କାରଖାନାର ବର୍ଜ୍ୟ ପାଉଁଶ ବ୍ୟବହାର କରାଯାଉଛି।

**କଳିଙ୍ଗନଗର,୧୭।୩(ଡି.ଏନ.ଏ)**

ଚଣ୍ଡିଖୋଲ-ଦୁବୁରୀ ୫୩ ନଂ ଜାତୀୟ ରାଜପଥ (ଏନ୍‌ଏଚ୍) ସମ୍ପ୍ରସାରଣ କାର୍ଯ୍ୟରେ କାରଖାନାର ବର୍ଜ୍ୟ ପାଉଁଶକୁ ବ୍ୟବହାର କରାଯାଉଛି। ପ୍ରଦୂଷଣ ନିୟନ୍ତ୍ରଣକୁ ନ ମାନି କାର୍ଯ୍ୟ ଚାଲିଥିବାରୁ ପାଉଁଶ ଗୁଣ୍ଡରେ ଆଖପାଖ ଗ୍ରାମବାସୀ ନୟାନ୍ତ ହୋଇପଡ଼ିଛନ୍ତି। ବିଭିନ୍ନ କାରଖାନାରୁ ଆସୁଥିବା ପାଉଁଶକୁ ଠିକା ସଂସ୍ଥା ପକ୍ଷରୁ ବିନା ଜଳ ସିଞ୍ଚନରେ ଢଳାଯାଉଛି। ଏହାଦ୍ୱାରା ସମ୍ପୃକ୍ତ ରାସ୍ତାରେ ଯାତାୟାତ କରୁଥିବା ଭାରିଯାନ ଏବଂ ବିଶେଷକରି ବାଇକ ଆରୋହୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଗତ ଗୁରୁବାର ଏବଂ ଶୁକ୍ରବାର ଯାଜପୁର ଅଞ୍ଚଳରେ ପାଗ କୋହଲା ରହିବା ସହିତ ଖୁବ୍‌ଜୋରରେ ପବନ ବହିବାରୁ ଏହି ପାଉଁଶ ଉଡ଼ି ରାସ୍ତା ଦୁଇ ପାର୍ଶ୍ୱରେ ଥିବା ଗ୍ରାମର ଘରଗୁଡ଼ିକରେ ପଡ଼ିବା ସହିତ ଲୋକଙ୍କୁ ଅଣନିଃଶ୍ୱାସୀ କରିଥିଲା। ଗଛପତ୍ର ଧଳା ହୋଇଯିବା ସହ ଖାଦ୍ୟ ସାମଗ୍ରୀ ନଷ୍ଟ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରି କି କୂଅ ପୋଖରୀରେ ପାଉଁଶ ଗୁଣ୍ଡ ପଡ଼ି ଏକ ଆସ୍ତରଣ ସୃଷ୍ଟି କରିଥିଲା। ନିତ୍ୟ ବ୍ୟବହାର୍ଯ୍ୟ କାର୍ଯ୍ୟରେ ଲାଗୁଥିବା ପାଣିରେ ବିଷାକ୍ତ ପାଉଁଶ ପଡ଼ିଥିବାରୁ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ପାଉଁଶ ଏତେମାତ୍ରାରେ ଉଡ଼ୁଥିଲା ଯେ ଚାଳକମାନେ ଗାଡ଼ିର ହେଡ୍ ଲାଇଟ ଲଗାଇ ମଧ୍ୟ ଆଗକୁ ରାସ୍ତା ଦେଖିପାରି ନ ଥିଲେ। ଫଳରେ ଦୁଇ ଦିନ ମଧ୍ୟରେ ଛୋଟ ବଡ କରି ପ୍ରାୟ ୭/୮ଟି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ଏନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ ବେହେରାଙ୍କୁ ପଚାରିବାରୁ ସେ କହିଥିଲେ, ରାସ୍ତା ନିର୍ମାଣ କରାଯାଉଥିବା ପ୍ରକଳ୍ପ ତାଙ୍କ ଅଧୀନରେ ଆସୁନାହିଁ ତଥାପି ଏହାକୁ କିପରି ଠିକ ଭାବେ ପରିଚାଳନା କରାଯାଇପାରିବ ସେ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀଙ୍କ ସହିତ ଆଲୋଚନା କରିବେ।

## ଢିଙ୍କିଆର ସାମୂହିକ ବିକାଶ ଦାବି

**କୁଜଙ୍ଗ,୧୭।୩ (ଡି.ଏନ.ଏ.)**

ଢିଙ୍କିଆ ପଞ୍ଚାୟତର ସାମୂହିକ ବିକାଶ ପାଇଁ ସରପଞ୍ଚ କିଶୋର ପରିଡା ତୈଳ ବିଶୋଧନାଗାର କର୍ତ୍ତୃପକ୍ଷ, ଜଗତ୍‌ସିଂହପୁର ଜିଲାପାଳ, ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ରଘୁନନ୍ଦନ ଦାସ ଓ ଏମ୍‌ପି ରାଜଶ୍ରୀ ମଲ୍ଲିକଙ୍କ ନିକଟରେ ଦାବି କରିଛନ୍ତି। ସରପଞ୍ଚ ପରିଡା ବୁଧବାର ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଏହା ଜଣାଇଛନ୍ତି। ସେ ଦର୍ଶାଇଛନ୍ତି ଯେ, ଢିଙ୍କିଆ ପଞ୍ଚାୟତରେ ଚାଲିଥିବା ପାଇପଲାଇନ ବିରୋଧୀ ଆନ୍ଦୋଳନକୁ ସରପଞ୍ଚ ସମର୍ଥନ କରୁନାହାନ୍ତି ବୋଲି ବିରୋଧୀ ସମାଲୋଚନା କରୁଛନ୍ତି। ତା'ର ପ୍ରତିକ୍ରିୟାରେ କହିଛନ୍ତି ଯେ, ଜାନୁୟାରୀ ୧୮ରେ ପତ୍ରସଂଖ୍ୟା ୮/୨୧ରେ ବିଶୋଧନାଗାର ପରିଚାଳନା ନିର୍ଦ୍ଦେଶକଙ୍କୁ ପଞ୍ଚାୟତର ମୌଳିକ ସମସ୍ୟାର ସମାଧାନ ନିମନ୍ତେ ଏକ ୧୨ ଦଫା ଦାବି ଜଣାଇଛନ୍ତି। ଏହାର ନକଲ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ମନ୍ତ୍ରୀ ଓ ଏମ୍‌ପିଙ୍କୁ ବ୍ୟକ୍ତିଗତ ଭାବେ ଭେଟି ପ୍ରଦାନ କରିଛନ୍ତି। ଏଥିରେ ସେ ମୁଖ୍ୟତଃ ତ୍ରିଲୋଚନପୁର ଓ ମାହଳ ଗ୍ରାମକୁ ପୋଷ୍ୟ ଗ୍ରାମ ରୂପେ ଗ୍ରହଣ କରିବା, ପଞ୍ଚାୟତର ଜମି ହରାଇଥିବା ପରିବାର ସଦସ୍ୟଙ୍କୁ ନିଯୁକ୍ତି, ପଞ୍ଚାୟତର ସବୁ ଗାଁରେ ଷ୍ଟ୍ରିଟ ଲାଇଟ ସଂଯୋଗ, ବାଇପାସ ରାସ୍ତାକୁ ୩ ଫୁଟ ଉଚ୍ଚକରି ଉଠେଇ କରିବା, ବିଶୋଧନାଗାର ପାର୍ଶ୍ୱବର୍ତ୍ତୀ ଡ୍ରେନ ସଫେଇ ଓ ଖନନ, ସୁଇସଗେଟର ପୁନର୍ବାର ନିର୍ମାଣ ଓ ପାନୀୟ ଜଳଯୋଗାଣ ଆଦି ଦାବି ଜଣାଇଛନ୍ତି। ସେ କହିଛନ୍ତି, ତୈଳ ବିଶୋଧନାଗାର ପକ୍ଷରୁ ୨କୋଟି ଟଙ୍କା ବ୍ୟୟ ଅଟକଳରେ ନିକଟରେ ଢିଙ୍କିଆ ତ୍ରିଲୋଚନପୁର ରାସ୍ତା ନିର୍ମାଣ କରାଯାଇଛି। ମାଟି କାମ ପାଇଁ ୨୩ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି । ଅନ୍ୟସବୁ ଦାବି ପ୍ରତି ତୈଳ ବିଶୋଧନାଗାର କର୍ତ୍ତୃପକ୍ଷ ଓ ଜିଲାପାଳ ସକରାତ୍ମକ ମତପୋଷଣ କରିଛନ୍ତି ବୋଲି ସରପଞ୍ଚ ପରିଡା ଉଲ୍ଲେଖ କରିଛନ୍ତି।

# ଚିଙ୍ଗୁଡ଼ି ଘେରି ଉଚ୍ଛେଦ

**ମହାକାଳପଡ଼ା,୧୭।୩ (ଡି.ଏନ.ଏ.)**

ମହାକାଳପଡ଼ା ବନାଞ୍ଚଳ ଅଧୀନ ବତୀଘର ବନ ବିଭାଗ ସେକ୍ସନ ସରଳିକୁଦ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଜମିରେ କେତେଜଣ ଅସାଧୁ ବ୍ୟବସାୟୀ ଚିଙ୍ଗୁଡ଼ି ଚାଷ କରିଥିଲେ। ବୁଧବାର ବନ ବିଭାଗ,ରାଜସ୍ୱ ଓ ଜମ୍ବୁ ମେରାଇନ ଥାନା ପକ୍ଷରୁ ମିଳିତ ଭାବେ ସେଠାରେ ଚଢାଉ କରାଯାଇଥିଲା। ଅଧିକାରୀମାନେ ଘେରିକୁ ଭାଙ୍ଗି ଥିଲେ । ପରେ ସେହି ଜମିରେ ଲୁଣା ଜାତୀୟ ଚାରା ରୋପଣ କରାଯାଇଛି । ଏହି ଚଢ଼ାଉରେ ରାଜନଗର ଅତିରିକ୍ତ ବନ ସଂରକ୍ଷକ ଅଧୀର ରଞ୍ଜନ ବେହେରା, ମହାକାଳପଡା ଅତିରିକ୍ତ ତହସିଲଦାର, ବନ ବିଭାଗ ରେଞ୍ଜର ସାହାଜୀ ଚରଣ ବିଶ୍ୱାଳ, ଜମ୍ବୁ ଥାନା ଅଧିକାରୀ ମହେଶ୍ୱର ସେଠୀ,ଫରେଷ୍ଟର ସଞ୍ଜୟ ପ୍ରଧାନ,ସତ୍ୟ ରଞ୍ଜନ ପାଣି ଙ୍କ ସମେତ ଦୁଇ ପ୍ଲାଟୁନ ଏପିଆର୍ ଫୋର୍ସ ମୁତୟନ କରାଯାଇଥିଲା।




ବତୀଘର ଜଙ୍ଗଲ ଜମିରେ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରାଯାଉଛି ।

## କେନ୍ଦ୍ରାପଡ଼ାରେ ପୁଣି ୨ ସଂକ୍ରମିତ ଚିହ୍ନଟ

**କେନ୍ଦ୍ରାପଡ଼ା ଅଫିସ,୧୭।୩**

**■ ସଙ୍ଗରୋଧରେ ରହିବାକୁ ପରାମର୍ଶ**

**■ ଆର୍‌ଟି ପିସିଆର ଟେଷ୍ଟ ହେବ:ଏଡିଏମ୍‌ଓ**

କେନ୍ଦ୍ରାପଡ଼ା ଜିଲା ଗତ ୧୩ ତାରିଖରେ ସମ୍ପୂର୍ଣ୍ଣ କରୋନାମୁକ୍ତ ହୋଇଥିଲା । ଏହାର ୩ ଦିନ ପରେ ଅର୍ଥାତ୍ ମଙ୍ଗଳବାର ୨ ଜଣ କରୋନାରେ ଆକ୍ରାନ୍ତ ହୋଇଥିବା ଏଡିଏମ୍‌ଓ ସଚ୍ଚିଦାନନ୍ଦ ମିଶ୍ର ବୁଧବାର ସୂଚନା ଦେଇଛନ୍ତି । ଚିହ୍ନଟ ଦୁଇ ବ୍ୟକ୍ତିଙ୍କୁ ଘରେ ସଙ୍ଗରୋଧରେ ରହିବାକୁ ପରାମର୍ଶ ଦିଆଯାଇଛି । ସେମାନଙ୍କ ଆରଟି ପିସିଆର ଟେଷ୍ଟ କରାଯିବ। ଏ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ ଚାଲିଛି ବୋଲି ଏଡିଏମ୍‌ଓ ମିଶ୍ର କହିଛନ୍ତି ।

ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ା ଜିଲାରେ ୨୦୨୦ ଏପ୍ରିଲ ୭ରେ ପ୍ରଥମେ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲେ। ଗତ ସେପ୍ଟେମ୍ବର ୨୩ରେ କରୋନା ସଂକ୍ରମିତଙ୍କ ସଂଖ୍ୟା ସର୍ବୋଚ୍ଚସ୍ତର ୧୫୫ରେ ପହଞ୍ଚିଥିଲା । ଏହା ପରଠୁ ଦୈନିକ ସଂକ୍ରମଣ କମି ଚାଲିଥିଲା । ନଭେମ୍ବର ୧୧ରେ ୫୦ରୁ କମ ବ୍ୟକ୍ତି ସଂକ୍ରମିତ ହୋଇଥିବା ଚିହ୍ନଟ ହୋଇଥିଲା। ଜାନୁୟାରୀ ୭ରୁ ସଂକ୍ରମିତଙ୍କ ସଂଖ୍ୟା ଦୁଇ ଅଙ୍କ ମଧ୍ୟରେ ସୀମିତ ଥିଲା । ଶେଷ ୨ ଜଣ ସଂକ୍ରମିତଙ୍କୁ ଗତ ୨ ତାରିଖ ଦିନ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିହ୍ନଟ କରାଯାଇଥିଲା । ଏହି ସମୟ ମଧ୍ୟରେ ୯୧୫୫ ଜଣଙ୍କ କୋଭିଡ୍-୧୯ର ଲକ୍ଷଣ ଥିବା ଜଣାପଡିଥିଲା । ଏହି ଅବଧି ମଧ୍ୟରେ ୯୧୨୬ ସୁସ୍ଥ ହୋଇଥିବା ବେଳେ ୨୮ ଜଣଙ୍କ ମୃତ୍ୟୁ ଘଟିଥିଲା । ଏଥିସହ ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରୁ ଅନ୍ୟ କାରଣରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଶିକ୍ଷକଙ୍କ କାର୍ଯ୍ୟରେ ଅବହେଳା ଅଭିଯୋଗର ତଦନ୍ତ

**ରସୁଲପୁର,୧୭।୩(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅଧୀନ ଲକ୍ଷ୍ମୀନଗର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ ସୁବଳ ସାହୁ କାର୍ଯ୍ୟରେ ଅବହେଳା କରୁଥିବା ନେଇ ଲକ୍ଷ୍ମୀନଗର ସରପଞ୍ଚ ଗାୟତ୍ରୀ ସାହୁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଉକ୍ତ ଅଭିଯୋଗର ତଦନ୍ତ ଦାୟିତ୍ୱ ସହକାରୀ ବ୍ଲକ ଶିକ୍ଷାଧିକାରୀ ଭିକାରୀ ଚରଣ କବିଙ୍କୁ ପ୍ରଦାନ କରାଯାଇଛି। ଫଳରେ କବି ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ତଦନ୍ତ ବେଳେ ସେ ସରପଞ୍ଚ ଓ ଶିକ୍ଷକଙ୍କ ମତାମତ ନେଇଛନ୍ତି। ସେ ଗୁରୁବାର ବ୍ଲକ ଶିକ୍ଷାଧିକାରୀଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିବେ ବୋଲି ଜଣାଯାଇଛି। ଏ ସମ୍ପର୍କରେ ତଦନ୍ତ ଅଧିକାରୀ କବି କହିଛନ୍ତି, ଶିକ୍ଷକ ସାହୁଙ୍କ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ ବୋଲି ଜଣାପଡ଼ିଛି। ଶିକ୍ଷକ ସାହୁ କହିଛନ୍ତି, ପାରିବାରିକ ଶତ୍ରୁତା କାରଣରୁ ତାଙ୍କ ବିରୋଧରେ ଏଭଳି ଅଭିଯୋଗ କରାଯାଇଛି।

ସୂଚନାଯୋଗ୍ୟ, ସମ୍ପୃକ୍ତ ଶିକ୍ଷକ ୪ବର୍ଷ ତଳେ ଜୋକଡିଆ ଅଞ୍ଚଳର ଏକ ବିଦ୍ୟାଳୟରୁ ଡେପୁଟେସନରେ ଆସି କାର୍ଯ୍ୟ କରୁଛନ୍ତି। ତେବେ ଶିକ୍ଷା ବିଭାଗ ପକ୍ଷରୁ ତାଙ୍କୁ ଗାଁ ସ୍କୁଲରେ ପାଠ ପଢାଇବାକୁ ସୁଯୋଗ ଦିଆଯାଉଥିବାରୁ ସେ ନିଜର କର୍ତ୍ତବ୍ୟକୁ ଠିକ୍‌ରେ ସମ୍ପାଦାନ କରୁନାହାନ୍ତି। ଗାଁର ବିକାଶ ପାଇଁ ବିନିଯୋଗ ହେଉଥିବା ସରକାରୀ ଅର୍ଥକୁ ବରୋଧ କରି ଉନ୍ନୟନ କାର୍ଯ୍ୟରେ ବାଧା ଉପୁଯାଉଛନ୍ତି। ବିଦ୍ୟାଳୟକୁ ମଦ୍ୟପାନ କରି ଆସୁଛନ୍ତି। ବିଦ୍ୟାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ଅଣ୍ଡା, ଚାଉଳ ଆଦିକୁ ବିକ୍ରି କରି କରୁଛନ୍ତି ବୋଲି ସରପଞ୍ଚ ସାହୁଙ୍କ ପକ୍ଷରୁ ଯାଜପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା।

# ଧାନ ବିକ୍ରି ଟଙ୍କା ନ ମିଳିବା ଘଟଣାର ତଦନ୍ତ ଆରମ୍ଭ

**ଚଣ୍ଡିଖୋଲ/ଛତିଆ, ୧୭।୩ (ଡି.ଏନ.ଏ.)**

ଧାନ ବିକ୍ରି ଟଙ୍କା ନ ପାଇ ବଡ଼ଚଣା ବ୍ଲକ ଅଧୀନ ଛତିଆ ପ୍ରାଥମିକ କୃଷି ସମବାୟ ସମିତି ସମ୍ମୁଖରେ ୧୫ ତାରିଖରେ ଚାଷୀ ନିରଞ୍ଜନ ସାହୁ ଆତ୍ମାହୁତି ଉଦ୍ୟମ କରିଥିଲେ। ଏହାପରେ ବୁଧବାର ରାଜ୍ୟ ସମବାୟ ବିଭାଗ ପକ୍ଷରୁ ୪ ଜଣିଆ ଟିମ୍ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ସେମାନେ ସମବାୟ ସମିତି ସମ୍ପାଦକ ରଞ୍ଜନ ଜେନା, ସହସମ୍ପାଦକ ରଶ୍ମିରଞ୍ଜନ ରାଉତଙ୍କୁ ପଚରାଉଚରା କରିବା ସହିତ କାଗଜପତ୍ର ତନଖି କରିଛନ୍ତି। କାଗଜପତ୍ର ତନଖି ବେଳେ ବ୍ୟାପକ ଅନିୟମିତତା ହୋଇଥିବା ଜଣାପଡ଼ିଛି। ରାଜ୍ୟ ସମବାୟ ସମିତି ଉପନିବନ୍ଧକ ରୁଦ୍ର ପ୍ରତାପ ଦାଶ, ସହକାରୀ ନିବନ୍ଧକ ଶରତ ଚନ୍ଦ୍ର ମଲିକ, ପ୍ରଶାସକ ମଣିରଞ୍ଜନ ବିଶ୍ୱାଳ ଓ ପ୍ରଭାତ ଶତପଥୀ ପ୍ରମୁଖ ପହଞ୍ଚି ସମିତି ସମ୍ପାଦକ ଜେନାଙ୍କୁ କାଗଜପତ୍ର ମାଗିଥିଲେ ମଧ୍ୟ ସମ୍ପାଦକ ଦେଖାଇ ପାରି ନ ଥିଲେ। ଏପରି କି ଗତବର୍ଷର କେତେ ଧାନ ସଂଗ୍ରହ ହୋଇଛି ଓ କେତେଜଣ ଚାଷୀ ଧାନ ଦେଇଛନ୍ତି ଏହାର କୌଣସି କାଗଜପତ୍ର କାର୍ଯ୍ୟାଳୟରେ ନ ଥିବା ଜାଣି ଅଧିକାରୀ ବିରକ୍ତି ପ୍ରକାଶ କରିଥିଲେ। କାର୍ଯ୍ୟାଳୟରେ ଥିବା କମ୍ପ୍ୟୁଟରରେ ଗତବର୍ଷ ହିସାବ ଡିଲିଟ ହୋଇଯାଇଥିବା ସମ୍ପାଦକ ପ୍ରକାଶ କରିଥିଲେ। ଦୁଇ ଦିନ ମଧ୍ୟରେ କାଗଜପତ୍ର ସଂଗ୍ରହ କରି ସିଏସଓଙ୍କୁ ଦେବାକୁ ତଦନ୍ତକାରୀ ଟିମ୍ ସମ୍ପାଦକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ବଡ଼ଚଣା ବ୍ଲକ ଚମ୍ପାପୁର ପଞ୍ଚାୟତ ରଘୁଦାସପୁର ଗ୍ରାମର ଚାଷୀ ନିରଞ୍ଜନ ୧୫।୧୨୦ରେ ୩୩.୭୯କୁଇଣ୍ଟାଲ ଧାନ ବିକିଥିଲେ। ବର୍ଷେ ବିତିଯାଇଥିଲେ ମଧ୍ୟ ଟଙ୍କା ନ ମିଳିବାରୁ ସେ ଆତ୍ମାହୁତି ଉଦ୍ୟମ କରିଥିଲେ।



ସମବାୟ ସମିତି କାର୍ଯ୍ୟାଳୟରେ ଅଧିକାରୀମାନେ ପହଞ୍ଚି କାଗଜପତ୍ର ଯାଞ୍ଚ କରୁଛନ୍ତି।

# ସ୍ଥାନ ପରିଦର୍ଶନ କରିବେ ପ୍ରତ୍ନତାତ୍ତ୍ୱିକ ଟିମ୍

**ଯାଜପୁର ଟାଉନ,୧୭।୩(ଡି.ଏନ.ଏ.)**

**ବୈତରଣୀରୁ ପ୍ରାଚୀନ ଶିବଲିଙ୍ଗ ଠାବ ପ୍ରସଙ୍ଗ**



ଯାଜପୁର ଜିଲା ଦଶରଥପୁର ତହସିଲ ଅଧୀନ ବୈତରଣୀନଦୀର ସିଦ୍ଧେଶ୍ୱର ଘାଟନିକଟରୁ ସୋମବାର ବାଲି ଖନନବେଳେ ପ୍ରାଚୀନ ବୌଦ୍ଧସ୍ତୁପ ଓ ଶିବ ଲିଙ୍ଗ ଏବଂ ଏକାଧିକ ଛୋଟଛୋଟ ମନ୍ଦିର ଚୂଡ଼ା ଠାବ ହୋଇଥିଲା। ଏହାକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ କରିଛି। ସିଦ୍ଧେଶ୍ୱର ମନ୍ଦିର ଟ୍ରଷ୍ଟି ଜିଲାପାଳଙ୍କୁ ଏନେଇ ପତ୍ର ଲେଖିଥିବା ବେଳେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଏବଂ ରାଜ୍ୟ ପ୍ରତ୍ନତାତ୍ତ୍ୱିକ ବିଭାଗ ପଦାଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ ସେଠୀ ମଧ ରାଜ୍ୟ ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସଂସ୍କୃତି ନିର୍ଦ୍ଦେଶକ ଦାସ ରାଜ୍ୟ ପ୍ରତ୍ନତାତ୍ତ୍ୱିକ ବିଭାଗ ସୁପରିଟେଣ୍ଡେଣ୍ଟଙ୍କ ସହ ଏଥିନେଇ ଆଲୋଚନା କରିଛନ୍ତି। ତେଣୁ ଆସନ୍ତା ୨/୩ ଦିନ ମଧ୍ୟରେ ପ୍ରତ୍ନତାତ୍ତ୍ୱିକ ବିଭାଗର ଏକ ସ୍ୱତନ୍ତ୍ର ଦଳ ଘଟଣାସ୍ଥଳ ପରିଦର୍ଶନରେ ଆସିବେ ବୋଲି ସୂଚନା ମିଳିଛି।

ଅନ୍ୟପକ୍ଷରେ ଏତେ ପ୍ରାଚୀନ କୀର୍ତ୍ତିରାଜି ଉପରୋକ୍ତ ସ୍ଥାନରେ ଉଦ୍ଧାର ହେବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ମଧ କୌଣସି ରାଜନୈତିକ ଦଳର ପ୍ରତିନିଧି କିମ୍ବା ପ୍ରଶାସନର ବରିଷ୍ଠ ପଦାଧିକାରୀ ଘଟଣାସ୍ଥଳକୁ ଯାଇ ନ ଥିବା ଜଣାପଡ଼ିଛି। ଯଦ୍ୱାରା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣେ ଏହି ନଦୀର ବଳିଘାଇରୁ ଜୟନ୍ତରା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଏବଂ ପଠା ମାନଙ୍କରେ ପୂର୍ବରୁ ଥିବା ଅନେକ ଦେବଦେବୀ ମନ୍ଦିର ନଦୀରେ ଲୀନ ହୋଇଯାଇଥିବାରୁ ସମ୍ପୃକ୍ତ ଅଞ୍ଚଳରେ ତାହା ପୋତି ହୋଇରହିଛି ବୋଲି କେତେଜଣ ଗବେଷକ ମତବ୍ୟକ୍ତ କରିଛନ୍ତି। ବହୁକାଳରୁ ଯାଜପୁର ଅଞ୍ଚଳ ବା ବିରଜାମଣ୍ଡଳରେ ଅନେକ ଦେବଦେବୀ ମନ୍ଦିର ସମେତ ବିଭିନ୍ନ ଧର୍ମର ପ୍ରାଚୀନ କୀର୍ତ୍ତିରାଜି ଗଢ଼ିଉଠିଥିଲା। କାଳକ୍ରମେ ତାହା ମାଟିରେ ପୋତି ହୋଇଯାଇଥିବା ଓ କେତେକ ଚୋରି ହୋଇଯାଇଥିବା କୁହାଯାଉଛି। ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ହେଉ କିମ୍ବା ନଦୀ କୂଳ ଖାଇବା ହେତୁ ଏପରି କୀର୍ତ୍ତିରାଜିଗୁଡ଼ିକ ନଦୀଶଯ୍ୟାରେ ପୋତି ହୋଇଯାଇଥିବା ଅନୁମାନ କରାଯାଉଛି। ସେଥିପାଇଁ ବଳିଘାଇରୁ ଜୟନ୍ତରା ପର୍ଯ୍ୟନ୍ତ ନଦୀଶଯ୍ୟାକୁ ଖନନ ପୂର୍ବକ କୀର୍ତ୍ତିରାଜିର ଉଦ୍ଧାର ପାଇଁ ସାଧାରଣରେ ଦାବି ହୋଇଛି। କୀର୍ତ୍ତିରାଜିକୁ ଅକ୍ଷତ ଅବସ୍ଥାରେ ଉଦ୍ଧାର ନିମନ୍ତେ ନଦୀଶଯ୍ୟାରୁ ଆଉ ବାଲି ଉତ୍ତୋଳନ ପାଇଁ ଲିଜ ଦିଆ ନ ଯିବାକୁ ବୁଦ୍ଧିଜୀବୀ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

